ଆଇନ୍ ପ୍ରୟୋଗକାରୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ

କଟକ ତା୧୭.୦୧.୨୦୨୫ରିଖ – ମାଦକ ଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖିବା ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଆଇନ୍ ପ୍ରୟୋଗକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ ଦିଗରେ ସଚେତନତା ସୃଷ୍ଟି କରିବା ସହ ସିଗାରେଟ ଓ ଅନ୍ୟ ମାଦକ ଦ୍ରବ୍ୟ ଅଧିନିୟମ (ସିଓଟିପିଏ) ୨୦୦୩ ତଥା ଅନ୍ୟାନ୍ୟ ଆଇନ୍ ?ଗୁଡିକୁ କଡାକଡି ଲାଗୁ କରିବା ଉପରେ ଆଇନ୍ ପ୍ରୟୋଗକାରୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦିବ୍ୟଲୋଚନ ମହନ୍ତଙ୍କ ଅଧକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍ ?ଭାବନା ସଭାଗୃହଠାରେ ଆଜି ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରସନ୍ନ କୁମାର ହୋତା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଲୋକନାଥ ପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଦୀପା ପଟ୍ଟନାୟକ ଏବଂ ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡଃ ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ମାଦକ ଦ୍ରବ୍ୟ ସେବନ ଦ୍ୱାରା ସାମାଜିକ, ଅର୍ଥନୈତିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ଡଃ ରାଉତ ଶରୀର ଉପରେ ମାଦକ ଦ୍ରବ୍ୟ ସେବନର କୁପ୍ରଭାବ ଏବଂ କର୍କଟ ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ “ମାଦକ ଦ୍ରବ୍ୟ ମୁକ୍ତ କଟକ” ବିଷୟବସ୍ତୁ ଉପରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି କର୍ମଶାଳାରେ ପୋଲିସ୍ ଅଧିକାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ ।

କୋଇଡା ପ୍ରେସ କ୍ଲବର ଦିତୀୟ ବାର୍ଷିକୋତ୍ସବ ଅବସରରେ ବିଶାଳ ମାରାଥନ୍ ‘ ରନ୍ ଫର୍ କୋଇଡା‘

କୋଇଡା- ୧୭/୦୧ : ସୁନ୍ଦରଗଡ଼ ଜିଲ୍ଲାର ବଣ,ଜଙ୍ଗଲ,ନଦୀ,ନାଳଘେରା ଓ ଲୌହଖଣି , ଆଦିବାସୀ ଅଧୁଷିତ କୋଇଡା ଅଂଚଳର ଜନ ସାଧାରଣ,ଦୁଖୀରଙ୍କୀ,ଗରିବ ଗୁର୍ବା,ଅବହେଳିତ,ଅସହାୟ,ଖଟିଖିଆ,ଶ୍ରମିକ ମାନଙ୍କ ର ସ୍ୱର୍ ହେଉଛି କୋଇଡା ପ୍ରେସ କ୍ଲବ ।ଏହି ପ୍ରେସ କ୍ଲବ୍ ଦିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସନ୍ନିକଟ ମେଲଣ ପଡ଼ିଆରେ ଜାନୁଆରୀ ୧୭ ତାରିଖରୁ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହେଉଛି ।ଏହି ପଡ଼ିଆରେ ଜନ ?ସାଧାରଣଙ୍କ ପ୍ରଥମ ସବୁଠୁ ଆକର୍ଷଣୀୟ ହେଉଛି ସ୍ୱଦେଶୀ ମେଳା, ସବୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମ,ବହୁ ବରେଣ୍ୟ ଅତିଥିଙ୍କ ଯୋଗଦାନ।ଏହି ସ୍ୱଦେଶୀ ମେଳାରେ ମଣିଷର ଦୈନିକ ଜିନିଷର ଆବଶ୍ୟକୀୟ ସାମଗ୍ରୀ ଉପଲବ୍ଧ ହେବ । ଏହି ଦିତୀୟ ବାର୍ଷିକ ଉତ୍ସବ ଅବସରରେ ପ୍ରେସ କ୍ଲବ ତରଫରୁ ଏକ ବିଶାଳ ?ମାରାଥନ୍ ‘ ରନ୍ ଫର୍ କୋଇଡା‘ ଶୁଭାରମ୍ଭ ହୋଇଥିଲା ।ପ୍ରାରମ୍ଭରେ କୋଇଡା ଅଂଚଳର ବରିଷ୍ଠ ସାମ୍ବାଦିକ ରଞ୍ଜନ ମହାନ୍ତି ଙ୍କ ମୃତ୍ୟୁରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା

।ପରେ ଜଗନ୍ନାଥ ମନ୍ଦିରରରେ ଅତିଥିବୃନ୍ଦ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା,ପ୍ରାକ୍ତନ ବିଧାୟକ ତଥା ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀ, ପ୍ରାକ୍ତନ ବିଜେଡି ବିଧାୟକ ଭୀମସେନ ଚୌଧୁରୀ,କୋଇଡା ପଞ୍ଚାୟତ ସରପଞ୍ଚ ହୃଷିକେଶ ଦେହୂରୀ, ବିଶିଷ୍ଟ ସମାଜସେବୀ ଦ୍ୱେନିରାୟଣ ସାହୁ, ଅଶୋକ ସାମଲ, ବିଶିଷ୍ଟ ସଚେତନ ନାଗରିକ ବୀରବର ବେହେରା,କୋଇଡା ପ୍ରେସ କ୍ଲବ ସଭାପତି ସଂଗ୍ରାମ କେଶରୀ ନାୟକ,ସଂପାଦକ ବିଜୟାନନ୍ଦ ଜେନା ଏବଂ ବହୁ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କଲାପରେ ନଡ଼ିଆ ଫଟାଇ ମାରାଥନ୍ ର ଶୁଭାରମ୍ଭ କରିଥିଲେ ।ପରେ ନିକଟସ୍ଥ ସଙ୍କଟ ମୋଚନ ମନ୍ଦିରରେ ମଧ ନଡ଼ିଆ ଫଟାଇ ଆଶୀର୍ବାଦ ନେଇଥିଲେ ।ପରେ ଅତିଥି ବୃନ୍ଦ ସୁଜ ପତାକା ହଲାଇ ମାରାଥନ୍ ଯାତ୍ରା ‘ କୋଇଡା ଫର୍ ରନ‘ ୨୦୨୫ ର ଶୁଭାରମ୍ଭ କରିବା ସହ ନିଜେ ମଧ ମାରାଥନ୍ ଦଳ ସହିତ କିଛିବାଟ ଦୌଡ଼ରେ ଅଂଶ ଗ୍ରହଣ କରି ମାରାଥନ୍ ଦଳର ଅଂଶ ଗ୍ରଣକାରୀଙ୍କୁ ଉତ୍ସାହିତ କରିଥିଲେ ।ପରେ ମାରାଥନ ଦଳ ହାତରେ ମଶାଲ ଧରି ୫୦୦ ରୁ ଉର୍ଦ୍ଧ୍ୱ କୋଇଡା ଅଂଚଳବାସୀ,ଯୁବ, ଛାତ୍ର,ଶ୍ରମିକ, ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱତଃସ୍ଫୁର୍ତ ଭାବରେ ମାରାଥନ୍ ରେ ଅଂଶ ଗ୍ରହଣ କରି ମେଡିକାଲ,ଓଏମଏମ ଛକ, ବସଷ୍ଟାଣ୍ଡ, ରାମ ମନ୍ଦିର ରାସ୍ତା,ଥାନା ଛକ ଦେଇ ପରିକ୍ରମଣ କରିମେଲଣ ପଡ଼ିଆରେ ପହଞ୍ଚି ଥିଲେ । ମେଲଣ ପଡିଆ ଟି ମାରାଥନ ଅଂଶଗ୍ରହଣ କାରୀଙ୍କ ମୁହଁରୁ କୋଇଡା ପ୍ରେସ କ୍ଲବ ଜିନ୍ଦାବାଦ,କୋଇଡା ପ୍ରେସ କ୍ଲବ ଲଙ୍ଗ ଲିଭ୍ ନାରାରେ ପ୍ରକମ୍ପିତ ହୋଇଥିଲା ।କାର୍ଯ୍ୟକ୍ରମକୁ ପରିଚାଳନାରେ କୋଇଡା ପ୍ରେସ କ୍ଲବ ସଦସ୍ୟ ସମ୍ବିତ ଜେନା,ସୁରେଶ ଚନ୍ଦ୍ର ଦାସ, ରାମଚନ୍ଦ୍ର ପଲାଇ,ଚେତନଦୀପ୍ତ ନାୟକ,ବିଜୟ ଦାସ, ସଞ୍ଜୟ ବେହେରା,ଦାମୁ ପାତ୍ର, ବନମାଳୀ ବାରିକ,ନିଖୋଜ ନାୟକ, ଜୀତେନ୍ଦ୍ର ପଲାଇ, ଜୀତେନ୍ଦ୍ର ବାରିକ,ଲମ୍ବୋଦର ବାରିକ,ଗଣେଶ ଘଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ସଭାପତି ସଂଗ୍ରାମ ନାୟକ, ସଂପାଦକ ବିଜୟାନନ୍ଦ(ବୁବୁ) ନବ ବର୍ଷର କୋଇଡା ବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ କାର୍ଯ୍ୟକ୍ରମକୁ ପ୍ରତିଦିନ ଆସି ଉପଭୋଗ କରନ୍ତୁ ବୋଲି ଜଣାଇଥିଲେ ।

କରଞ୍ଜିଆ ବନଖଣ୍ଡରେ ପକ୍ଷୀ ଗଣନା ୨୦୨୫ ପାଇଁ ବନ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର



ମୟୂରଭଞ୍ଜ : ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ପ୍ରଥମ ବା ଦ୍ୱିତୀୟ ସପ୍ତାହରେ ସମସ୍ତ ବନଖଣ୍ଡରେ ପକ୍ଷୀ ଗଣନା କରାଯାଇଥାଏ। ହେଲେ ଚଳିବ ବର୍ଷ ଏହା ସମସ୍ତ ବନଖଣ୍ଡରେ ଗୋଟିଏ ଦିନ ଅର୍ଥାତ୍ ଜାନୁଆରୀ ୧୮ ତାରିଖରେ ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ବନଖଣ୍ଡରେ ମଧ ସୁଚାରୁରୂପେ ପକ୍ଷୀ ଗଣନା କରିବା ପାଇଁ ଆଜି କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୪ ଟି ବନାଞ୍ଚଳ ୨୨ଟି ସେକ୍ସନରେ କାର୍ଯ୍ୟରତ ସମସ୍ତ ୭୫ ଜଣ ବନରକ୍ଷୀ,୨୫ ଜଣ ବନପାଳ,ବନାଞ୍ଚଳ ଅଧିକାରୀ ଏବଂ ସହକାରୀ ବନାଞ୍ଚଳ ଅଧିକାରୀ ଗଣ ଉପସ୍ଥିତ ହୋଇ ପ୍ରଶିକ୍ଷଣ ପ୍ରାପ୍ତ କରିଥିଲେ। ପ୍ରଶିକ୍ଷଣ ଦାତା ଭାବେ କରଞ୍ଜିଆ ବନଖଣ୍ଡ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ ଯୋଗଦାନ କରିଥିବା ବେଳେ ସମସ୍ତ ଶିବିରର ନେତୃତ୍ୱ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ କରିଥିଲେ। ଏହି ଶିବିରରେ କିପରି ପକ୍ଷୀ ମାନଙ୍କ ନିର୍ଭୟରେ ଗଣନା କରାଯିବ ଏବଂ କେଉଁ ପ୍ରକାର ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ କରାଯାଇ ଗଣନା ହେବ ଏବଂ ଏହି ବନଖଣ୍ଡ ମଧ୍ୟରେ କେଉଁ କେଉଁ ପ୍ରଜାତିର ପକ୍ଷୀଙ୍କ ଆଗମନ ହୁଏ ସେ ବିଷୟରେ ସବିଶେଷ ସୂଚନା ଦିଆଯାଇଥିଲା।ଦୁଇରୁ ଅଧିକ ସଦସ୍ୟ ବିଶିଷ୍ଟ ଦଳ ଗଠନ କରି ବାଇନାକୁଲାର ଓ ଖାତା ଉପଯୋଗ କରି ପକ୍ଷୀ ଗଣନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।୨୦୨୪ ମସିହାରେ ସମୁଦାୟ ୪୯୭୩ ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା ହୋଇଥିବା ବେଳେ ୨୦୨୩ ମସିହାରେ ଏହା ୬୦୦୮ ଥିଲା। ଚଳିତ ବର୍ଷ ୫୫ଟି ଜଳାଶୟରେ ପକ୍ଷୀ ଗଣନା କରାଯିବ। ଗତବର୍ଷ ଠାକୁରମୁଣ୍ଡା ବନାଞ୍ଚଳରେ ୧୫୭ ଟି, କରଞ୍ଜିଆ ବନାଞ୍ଚଳରେ ୧୨୫୫, ଦୁଧିଆଣୀ ବନାଞ୍ଚଳ ରେ ୨୨୭୧ ଟି ଓ ସାତକୋଶିଆ ୱନାଞ୍ଚଳରେ ୧୨୯୦ ଟି ପକ୍ଷୀ ଗଣନା କରାଯାଇଥିଲା। ଗତବର୍ଷ ବହୁ ଜଳାଶୟରେ ପୁନରୁଦ୍ଧାର କାର୍ଯ୍ୟ ହେଉଥିବା ଦୃଷ୍ଟିରୁ ଚଳିତ ବର୍ଷ ଗତ ବର୍ଷ ତୁଳନାରେ ଅଧିକ ସଂଖ୍ୟାରେ ପକ୍ଷୀଙ୍କ ସମାଗମ ହେବ ବୋଲି ଆଶାଥିବା କହିଛନ୍ତି କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ।

ଶିରିଡି ଓ ନାସିକ ଦର୍ଶନରେ ଗଲେ କଟକ ଜିଲ୍ଲାର ୧୯୭ ବରିଷ୍ଠ ନାଗରିକଙ୍କତୀର୍ଥଯାତ୍ରୀ

କଟକ ତା ୧୬.୦୧.୨୦୨୫ ରିଖ – ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଶିରିଡି ଓ ନାସିକ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ମାନ୍ୟବର ବିଧାୟକ ବାରବାଟୀ କଟକ ଇଂ. ସୋଫିଆ ଫିର୍ଦ୍ଦୋସ, ମାନ୍ୟବର ବିଧାୟକ କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀମତୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଆଜି ସକାଳ ୧୧ଟାରୁ ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା । ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ କରାଯାଇଥିଲା ଓ ଦିନ ୪ଟା ସମୟରେ

ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ପ୍ରକାଶଥାଉକି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ବିଭିନ୍ନ ଜିଲ୍ଲାର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ଛାଡୁଥିବା ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଶିରିଡି ଓ ନାସିକ ଅଭିମୁଖେ ଯାତ୍ରା କରିବେ । କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି ।

ମଜା ମଜା ମ୍ୟାଜିକ ଦେଖାଇବାକୁ ପୁଣି ଅନୁଗୋଳ ଆସୁଛନ୍ତି ବାଦଶାହ, କାଲିଠୁ ମଚାଇବେ ଧୁମ୍

ଅନୁଗୋଳ : ଅନୁଗୋଳ ମଜା ମଜା ମ୍ୟାଜିକ ଦେଖାଇବାକୁ ପୁଣି ଆସୁଛନ୍ତି ବାଦଶାହ। ବାଦଶାହ ମ୍ୟାଜିକ କମ୍ପାନୀ ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ ଅନୁଗୋଳ ସଭା ଘରେ ଧୁମ ମଚେଇବ। କମ୍ପାନୀ ପକ୍ଷରୁ ଦୈନିକ ଦୁଇଟି ଶୋ’ ଅପରାହ୍ନ ୪ ଓ ସନ୍ଧ୍ୟା ୭ ଟାରେ ଆୟୋଜିତ ହେବ। ରବିବାର ତିନୋଟି ଶୋ’ ହେବ। ଏଥରକ ମୁଖ୍ୟ ଆକର୍ଷଣ ରହିଛି ୨୦ ଫୁଟିଆ ଡାଇନୋସର ଓ ଗଡଜିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଷ୍ଟେଜ ଉପରେ ବିଶାଳ ଡାଇନୋସର, ଗଡଜିଲା, ଗରିଲା ଆଦିଙ୍କ ସହ ଖେଳିବେ ଯାଦୁଗର ବାଦଶାହ ଖାନ। ଏଥିସହ ମାଇଣ୍ଡ ରିଡିଙ୍ଗ, ଇନ୍ଦ୍ରଜାଲ, ଡିଜିଟାଲ ମ୍ୟୁଜିକ ସାଙ୍ଗକୁ ମନରେ ଭ୍ରମ ସୃଷ୍ଟି କଲା ଭଳି ଚମତ୍କାର ଅଭିନୟ ଓ ମ୍ୟାଜିକର ଅପୂର୍ବ ମିଶ୍ରଣ ଦର୍ଶକଙ୍କୁ ଅଢେଇ ଘଣ୍ଟା ଧରି ବାନ୍ଧି ରଖିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ ଯେ, ନୂଆ ନୂଆ ମ୍ୟାଜିକକୁ ନେଇ ପରୀକ୍ଷା ନିରୀକ୍ଷା କରୁଥିବା ବାଦଶାହଙ୍କ ସାରା ଦେଶରେ ବେଶ୍ ଚାହିଦା ରହିଛି। ରେଡକ୍ରସକୁ ସହାୟତା କରିବା ସହ ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି ଯାଦୁଗର ବାଦଶାହ। ଏ ଅବସରରେ ସଂସ୍ଥାର ଜେନେରାଲ ମ୍ୟାନେଜର ଅଲିମ ଖାନ ଓ ଏ କେ ଶର୍ମା ଉପସ୍ଥିତ ଥିଲେ।

ନୂଆପଡ଼ା ନେସନାଲ କଲେଜର ୪୪ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟିତ

ନୂଆପଡ଼ା : ନୂଆପଡ଼ା ନେସନାଲ କଲେଜର ୪୪ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡାଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଛାତ୍ରମାନେ ମଶାଲକୁ

ଖେଳ ପଡିଆ କୁ ପରିକ୍ରମା କରିଥିଲେ। ଏକ ହଜାର ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ। ବିଭୁ ପ୍ରସାଦ ପ୍ରଧାନ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ର ଚେସ ଚାମ୍ପିଅନ ଶପଥ ପାଠ କରାଇଥିଲେ।କଲେଜ୍ ଅଧକ୍ଷ ଶ୍ରୀ ହିତେଶ କୁମାର ସାହୁ ଅଧକ୍ଷତା ରେ ଆୟୋଜିତ କ୍ରିଡ଼ା ଉତ୍ସବ ରେ କଲେଜ କ୍ରୀଡା ସଂସଦ ର ଉପ ସଭାପତି ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକ,କଲେଜ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କ୍ରୀଡା ଅଧ୍ୟାପକ ପ୍ରକାଶ କୁମାର ସାହୁ ଖେଳ ପରିଚାଳନା କରିଥିବା ବେଳେ କପିଳ ଦେବ ପାଣଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ।

ବେଆଇନ ଭାବରେ ଶ୍ରମିକ ମାନଙ୍କୁ ଚାକିରି ରୁ ବାହାର କରିବା ଏବଂ ମାସିକ ବେତନ ରୁ ଟଙ୍କା କାଟିବା ବିରୋଧରେ ହସ୍ପିଟାଲ କର୍ମଚାରୀଙ୍କ ବିକ୍ଷୋଭ

କେନ୍ଦୁଝର , ତା ୧୭.୦୧.୨୫ କେନ୍ଦୁଝର ଜିଲ୍ଲା ହସ୍ପିଟାଲ କର୍ମଚାରୀ ସଂଘ ତରଫ ରୁ ଏଲ୍ ଏଣ୍ଡ କେ କମ୍ପାନୀ ବିରୋଧ ରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କର ଯାଇଥିଲା।ଏଥିରେ ଅନେକ ହସ୍ପିଟାଲ କର୍ମଚାରୀ ଯୋଗଦାନ ଦେଇଥିଲେ।ପୁନର୍ବାର କମ୍ପାନୀ କର୍ମଚାରୀ ମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା,ଦରମା ୫୦୦ ଟଙ୍କା କୁ ବୃଦ୍ଧି ,ଏହିପରି ବିଭିନ୍ନ ଦାବି କର୍ମଚାରୀ ମାନେ ଉପସ୍ଥାପନା କରିଥିଲେ,,ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ମତବ୍ୟକ୍ତ ରଖିଥିଲେ।

ଉଜୁଡା କ୍ଷେତକୁ ଅଚଳ ପ୍ଲାଣ୍ଟ, ସଂକଟରେ ଜନଜାତିଙ୍କ ଜୀବିକା

ତେଲକୋଇ - ଆଦିବାସୀ ଙ୍କ ଜମିରେ ଲକ୍ଷ୍ୟ ଲକ୍ଷ୍ୟ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ଲେମ୍ବୁ ଘାସ ରୋପଣ ହେଲା ଆଉ ଘାସପ୍ରକ୍ରିୟା କରଣ କରି ତୈଳ ଉତ୍ପାଦନ ପାଇଁ ଗୁଡ଼ାଏ ଅର୍ଥ ଖର୍ଚ୍ଚ କରି ଦୁଇଟି ପ୍ଲାଣ୍ଟ ସ୍ଥାପନ ହେଲା।କିନ୍ତୁ ପ୍ରଥମ ବର୍ଷ ପରେ ପ୍ଲାଣ୍ଟ ଅଚଳ। ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପାଇଁ କରାଯାଇଥିବା ଯୋଜନା ବିଫଳ। ଯୋଜନା ହେଉଛି ଅର୍ଥ ବ୍ୟୟ ହେଉଛି କିନ୍ତୁ ଜୀବିକା ରେ ପରିବର୍ତ୍ତନ ଘଟୁନାହିଁ ଗାଁ ଗହଳିରେ ଥିବା ଆଦିବାସୀ ପରିବାରର। କେବଳ ୩ବର୍ଷରେ ଥରେ ଯୋଜନା ବଦଳା ଯାଇ ଅର୍ଥ ହଡପ ର ମସୁଧା ଚାଲିଛି ବୋଲି ଅଭିଯୋଗ ହେଉଛି। ଆଉ ଏପରି ଅନିୟମିତତା କୁ ଉଚ୍ଚ ସ୍ତରୀୟ ଯାଞ୍ଚ ପାଇଁ ଏବେ ସରକାରୀ ଦଳ ଅର୍ଥାତ ବିଜେପି ଦାବି କରିଛି।ଏପରି ବ୍ୟାପକ ଅନିୟମିତତା ହୋଇଛି କେନ୍ଦୁଝର ଜିଲ୍ଲାର ସାମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ। କେନ୍ଦୁଝର ଜିଲ୍ଲା ସମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ ଟି ଡି ଏ)ର ଆର୍ଥିକ ସହାୟତାରେ ଓଡିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକାନିର୍ବାହ କାର୍ଯ୍ୟକ୍ରମ ପ୍ଲସ (ଓଟିଇଏଲପି)ମାଧ୍ୟମରେ ତେଲକୋଇ ବ୍ଲକରେ ୬ଶହ ଏକର ଆଦିବାସୀ ଙ୍କ ଜମିରେ ଲେମ୍ବୁ ଘାସ ରୋପଣ ୨୦୧୯-୨୦ଓ ୨୧-୨୨ ମସିହାରେ କରାଯାଇଥିଲା। ଏଥିରେ ପ୍ରାୟ ୨ କୋଟି ଖର୍ଚ୍ଚ ହୋଇଥିଲା। ଲେମ୍ବୁ ଘାସ ଚାଷ ସହିତ ପ୍ରକ୍ରିୟାକରଣ ଉଦ୍ୟଗ କରି ତୈଳ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ସେଥିପାଇଁ ୪୦ଲକ୍ଷ୍ୟ ବ୍ୟୟ କରି ଦୁଇଟି ଲେମ୍ବୁ ଘାସ ପ୍ରକିୟାକରଣ ପ୍ଲାଣ୍ଟ ମଧ ସ୍ଥାପନ କରାଯାଇଥିଲା।ଗୋଟିଏ ସଲେଇକେନା ପଞ୍ଚାୟତ କଳାପୋଖରୀ ଗାଁ ରେ ଓ ଅନ୍ୟଟି ବିମଳା ପଞ୍ଚାୟତ ଟାଙ୍ଗୀରି ଗ୍ରାମରେ ସ୍ଥାପନ କରଯାଇଛି।କଳାପୋଖରୀ ଗ୍ରାମରେ ପ୍ଲାଣ୍ଟ ସ୍ଥାପନ ର ପ୍ରଥମ ବର୍ଷ ପରେ ପ୍ଲାଣ୍ଟ ଅଚଳ ହୋଇପଡିଥିବା ବେଳେ ଜମିରେ ଘାସ ନଥିବା ଓ ପରିଚାଳନା ତ୍ରୁଟି ଯୋଗୁଁ ଟାଙ୍ଗୀରି ଗ୍ରାମରେ ବାସଯାଇଥିବା ପ୍ଲାଣ୍ଟ ଟି ବନ୍ଦ ହୋଇ ପଡିଛି।ତେଲକୋଇ ବ୍ଲକରେ ସଲେଇକେନା, କଳାପୋଖରୀ, ଜଗମୋହନପୁର ପଞ୍ଚାୟତ ଟୁଁଗୁରୁବାହାଲ, ଦେଉଳଡିହା ପଞ୍ଚାୟତ ନୂଆଗଡ, ବିମଳା ପଞ୍ଚାୟତ ଟାଙ୍ଗୀରି, ନମକାନି, କୁଳଙ୍ଗ, କରାମଙ୍ଗି ପଞ୍ଚାୟତ ର କୃଷ୍ଣପୁର, ପଟଖଳି

ଆଦି ଗାଁ ରେ ଆଦିବାସୀ ଙ୍କ ୬୦୦ଏକର ଜମିରେ ଲେମ୍ବୁ ଘାସ ଲଗାଯାଇଥିଲା। ଆଉ ଘାସରୁ ପ୍ରସ୍ତୁତ ତେଲ ବିକ୍ରି କରି ଆଦିବାସୀ ରୋଜଗାର କ୍ଷମ ହେବେ ବୋଲି ଯୋଜନା କରାଯାଇଥିଲା କିନ୍ତୁ କଳାପୋଖରୀ ଗ୍ରାମରେ ପ୍ଲାଣ୍ଟ ବସାଇବା ବେଳେ ଯେଉଁ ବୋର ୱେଲ ଖୋଳା ଯାଇଥିଲା ତା ପ୍ରଥମରୁ ହିଁ ଖରାପ ଥିଲା। ଫଳରେ ପ୍ରଥମ ବର୍ଷ ରୁ ପାଣି ସଙ୍କଟ ଦେଖା ଦେଇଥିଲା ଫଳରେ ପ୍ଲାଣ୍ଟ ପାଖରେ ଥିବା ଅନ୍ୟ ଜଣକ କୂଅରୁ ଭଡାରେ ପାଣି ଆଣି ଗୋଟିଏ ବର୍ଷ ତେଲ ପ୍ରକ୍ରିୟାକରଣ କରାଗଲା କିନ୍ତୁ ତା ପରେ ଆଉ ପ୍ଲାଣ୍ଟ ଚାଲିଲା ନାହିଁ।ଅନ୍ୟପଟେ ଟାଙ୍ଗୀରି ଗାମରେ ଥିବା ପ୍ଲାଣ୍ଟ ପରିଚାଳନା ତ୍ରୁଟି ଯୋଗୁଁ ବନ୍ଦ ରହିଛି। ଆଉ ସବୁଠାରୁ ବଡ଼କଥା କାଗଜ ପତ୍ରରେ ଯେତିକି ଜମିରେ ଲେମ୍ବୁ ଘାସ ଚାଷ କରାଯାଇଥିବା କୁହାଯାଉଛି ତାର ଅଧା ମଧ ଚାଷ ହୋଇନାହିଁ।ଯେଉଁ ଆଦିବାସୀଙ୍କ ଜମିରେ ଘାସ ଅଛି ବର୍ତମାନ ତା ବଉଳ ଧରି ନଷ୍ଟ ହେବାକୁ ବସିଲାଣି।ବର୍ଷରେ ୩ଥର ଘାସକୁ କାଟି ତେଲ ପ୍ରସ୍ତୁତ କରିବା କଥା କିନ୍ତୁ ୩ବର୍ଷ ହେଲାଣି ଘାସ ବଢ଼ି ଚାଲିଛି। ହାତୀଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଲେମ୍ବୁ ଘାସ ଲଗାଇଥିବା ଚାଷୀ ଏବେ ତା ଜମିରୁ ଟଙ୍କାଟିଏ ମଧ ପାଇନାହିଁ। ବୋରୱେଲ ଖରାପ ଥିବା କଥା ଚାଷୀ ମାନେ ଲିଖିତ ଜଣାଇଥିଲେ ମଧ କାର୍ଯ୍ୟକାରୀ ସଂସ୍ଥା ଏହା ଉପରେ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି।ନୂଆଗଡ଼ ପରି ଗାଁ ରେ ହିତାଧିକାରୀ ଙ୍କ ଅଜାଣତରେ ପ୍ରଥମ ବର୍ଷ ଘାସ କଟାଯାଇଥିଲା।୩ବର୍ଷ ରକ୍ଷଣା ବେକ୍ଷଣ ପାଇଁ ଯୋଜନାରେ ବ୍ୟବସ୍ଥା ଥିବା ବେଳେ ଦ୍ୱିତୀୟ ବର୍ଷ ଠାରୁ ତା ମଧ କରାଗଲା ନାହିଁ ଫଳରେ ଘାସ ଚାଷ ଉଜୁଡି ପଡିଲା। ଘାସ ଲଗା ଓ ତାର କଟା ଓ ରକ୍ଷଣା ବେକ୍ଷଣ ରେ ଯେଉଁ ଶ୍ରମିକ ନିଯୁକ୍ତ ହେବା କଥା ତା ମଧ ହେଲା ନାହିଁ।ତେବେ ପ୍ଲାଣ୍ଟ ଗୁଡିକୁ ସଚଳ କରିବାର ବ୍ୟବସ୍ଥା କରିବା ଓ ଘାସ ଲଗାରେ ବ୍ୟାପକ ଘୋଟଲା ହୋଇଥିବା ନେଇ ଏହାର ତଦନ୍ତ ପାଇଁ ଚାଷୀ ମାନେ ଦାବି କରିଛନ୍ତି। ଲେମ୍ବୁ ଘାସ ଚାଷ ରେ ଅନିୟମିତତା ଓ ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ କାର୍ଯ୍ୟକାରିତା ବିଫଳ ଠାରୁ ଆଶ୍ଚର୍ଯ୍ୟ କଲାପରି ଘଟଣା ହେଉଛି ସଲେଇକେନା ପଞ୍ଚାୟତ ର ସଲେଇକେନା ଗ୍ରାମରେ ୨୦ହେକ୍ଟର ଲୁମ୍ବୁ ଘାସକୁ ଉପାଡି ଚଳିତ ବର୍ଷ ପୁଣି ଆଇଟିଡିଏ ଅର୍ଥରେ ଓଡିଶା ଅନୁସୂଚିତ ଜନଜାତି ଶଶକ୍ତି କରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ମାଧ୍ୟମରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାଜୁ ଗଛ ରୋପଣ କରାଯାଇଛି।୩ବର୍ଷ ପୂର୍ବରୁ ଯେଉଁ ଜମିରେ ଲେମ୍ବୁ ଘାସ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କରି ଲଗାଯାଇଥିଲା ପୁଣି ସେହି ଜମିରେ ଅର୍ଥାତ ସେହି ୨୦ହେକ୍ଟର ଜମିରେ କାଜୁ ଗଛ ଲଗାଯାଇଛି । ଆଉ ସମାନ ଘଟଣା ଜଗମୋହନପୁର ପଂଚାୟତ ଟୁଁଗୁରୁବାହାଲ ଗ୍ରାମରେ ଦେଖିବାକୁ ମିଳିଛି। ଟୁଁଗୁରୁବାହାଲ ଗ୍ରାମରେ ମଧ ୧୦ଏକର ଜମିରେ ଥିବା ଲେମ୍ବୁ ଘାସ କୁ ଉପାଡି ଆଇ ଟି ଡି ଏ ଅର୍ଥ ରେ ଜଳ ବିଭାଜିକା କାର୍ଯ୍ୟକ୍ରମ ରେ ଆମ୍ବ ଗଛ ଚଳିତ ବର୍ଷ ଲଗାଯାଇଛି।ଦୁଇଟି ଗାଁ ରେ କାଜୁ ଓ ଆମ୍ବ ଗଛ ଲଗାଇବା ଓ ରକ୍ଷଣା ବେକ୍ଷଣ ପାଇଁ ପ୍ରାୟ ୯୦ଲକ୍ଷ୍ୟ ବ୍ୟୟ କରାଯିବାର ବ୍ୟବସ୍ଥା ହୋଇଛି। ୩ବର୍ଷ ପୂର୍ବେ ଯେଉଁ ଜମିରେ ଘାସ ଲାଗିଥିଲା ପୁଣି ସେଠି ଆମ୍ବ ଓ କାଜୁ ଗଛ ଲଗାଯାଇ କାହାର ସ୍ୱାର୍ଥ ସାଧନ ହେବ ତା ବର୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଦିବାସୀ ଙ୍କୁ ମୋହରା କରି କିଛି ସଂସ୍ଥା ଏପରି ଅନିୟମିତତା କରୁଛନ୍ତି। ସରକାର ଙ୍କ ଅର୍ଥ ଆଦିବାସୀ ଙ୍କ ବିକାଶ ତଥା ଅଜୀବିକା ର ଉନ୍ନତି ପାଇଁ ଖର୍ଚ୍ଚ ହେଉଛି କିନ୍ତୁ ସେମାନଙ୍କ ଅବସ୍ଥା ଯେଉଁଠି ସେଇଠି। ଗତ ୫ବର୍ଷ ହେଲାଣି ଏପରି ଚାଲିଛି ଯାହାଫଳରେ ଆଦିବାସୀ ଙ୍କ ଉନ୍ନତି ହେଉନାହିଁ ବରଂ ଦାଦନ ସମସ୍ୟା ବଢୁଛି। ଏପରି ସ୍ଥଳେ ଏହା ଉପରେ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ବିଜେପି ପକ୍ଷରୁ ଦାବି ହୋଇଛି । ତେବେ ଏସମ୍ପର୍କରେ ଓଡିଶା ଅନୁସୂଚିତ ଜନଜାତି ଶଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ (ଓଟିଇଏଲପି ପ୍ଲସ)ର କୃଷି ଅଧିକାରୀ ସମସ୍ୟା ସମ୍ପର୍କ ରେ ଅବଗତ ଥିବା କହିଛନ୍ତି ଓ ଆଗାମୀ ଦିନରେ ଉଜୁଡି ଯାଇଥିବା ଘାସ କ୍ଷେତ ଗୁଡିକୁ ପୁନଃରୁଦ୍ଧାର କରାଯିବା ସହିତ ପ୍ଲାଣ୍ଟ ଗୁଡିକ କିପରି ସଚଳ ହେବ ତା ଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। କିନ୍ତୁ ଅନିୟମିତତା କୁ ନେଇ ଆଦିବାସୀ ଉନ୍ନୟନ ସଂସ୍ଥା ର ଅଧିକାରୀ କୌଣସି ପ୍ରତିକିୟା ଦେଇନାହାନ୍ତି। ଆଦିବାସୀ ତଥା ଜନଜାତି ଙ୍କ ଜୀବନ ଜୀବିକା ରେ ପରିବର୍ତ୍ତନ ଆଣିବା ପାଇଁ ସରକାର ମିଶନ ମୋଡ଼ରେ କାମ ଆରମ୍ଭ କରିଛନ୍ତି। କିନ୍ତୁ ଏଠି କେବଳ ଯୋଜନା ଆରମ୍ଭ ହେଉଛି କିନ୍ତୁ ତାର ଫଳ ଆଦିବାସୀ ଙ୍କୁ ମିଳୁନାହିଁ। ବର୍ତ୍ତମାନ ଅପେକ୍ଷା ଏମାନଙ୍କ କଥା ସରକାର ଶୁଣିବେ ଆଉ ଅଚଳ ପ୍ଲାଣ୍ଟ ସଚଳ ହେବ। ଆଉ ଅନିୟମିତତା ର ତଦନ୍ତ କେବେ ହେବ ।